ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ

Vedic Literature of Ancient India

# ଉପନିଷଦ

(ଉପନିଷତ୍)

Upanishad / उपनिषत्

## ୧୦୮ ଉପନିଷଦ (ଭାଗ - ୨)

108 Upanishad (Vol – 2)


### ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ

Editor – Prakash Pradhan


### ଭାଷା - ସଂସ୍କୃତ-ଓଡିଆ

Language – Sanskrit - Odia


ଉପଦେଷ୍ଟା

### ପଣ୍ଡିତ ଶ୍ରୀ ସନ୍ତୋଷ କୁମାର ମିଶ୍ର

ସଂପାଦକ, ହିନ୍ଦୁ ମହାସଭା, ଓଡ଼ିଶା ଶାଖା

# ବେଦ ଉପନିଷଦ

ଉପନିଷଦ ଗୁଡିକ 'ବେଦ ଯୁଗ'ର ଶେଷ ଆଡ଼କୁ ରଚନା କରାଯାଇଥିଲା । ଉପନିଷଦ 'ଷଦ' ଶବ୍ଦରୁ ଆସିଅଛି, ଷଦ ଅର୍ଥାତ 'ବସିବା', ଏଥିରେ ପୂର୍ବରେ 'ଉପ' ଓ 'ନି' କୁ ଯୋଡା ଯାଇଛି । ଅର୍ଥାତ 'ଉପ' ର ଅର୍ଥ ପାଖରେ , 'ନି' ର ଅର୍ଥ ସମ୍ପୁର୍ଣ୍ଣ ଭାବରେ, ତେଣୁ ଉପ-ନି-ଷଦ, ଯାହାର ଅର୍ଥ ହେଲା, ସମ୍ପୁର୍ଣ୍ଣ ଭାବରେ ଗୁରୁଙ୍କ ପାଖରେ ବସିବା, ଅର୍ଥାତ ସମ୍ପୁର୍ଣ୍ଣ ସମର୍ପଣ ସହିତ ଗୁରୁଙ୍କ ପାଖରେ ବସି ବେଦର ଶେଷ ଭାଗ ଅଧ୍ୟୟନ କରିବା । **ଉପନିଷଦ**କୁ ବେଦର **ଚତୁର୍ଥ ସ୍ତର** ବା ଅଂଶ ବୋଲି କୁହାଯାଏ ।

ଯେହେତୁ ଉପନିଷଦ ଗୁଡିକ ବେଦର ଅନ୍ତ ଆଡ଼କୁ ରଚନା କରାଯାଇଥିଲା, ସେଥିପାଇଁ ଏହାକୁ '**ବେଦାନ୍ତ**' ମଧ୍ୟ କୁହାଯାଏ । ଅଧିକାଂଶ ଉପନିଷଦ ଗୁଡିକର ବିଷୟବସ୍ତୁ '**ଆତ୍ମବିଦ୍ୟା** ଓ '**ବ୍ରହ୍ମବିଦ୍ୟା** ଉପରେ ଆଧାରିତ । ଏହାକୁ ଅନେକ ଗବେଷକ ବା ପଣ୍ଡିତ ବା ଜ୍ଞାନୀମାନେ ଅନେକ ଆଖ୍ୟା ଦେଇଛନ୍ତି ଯଥା – 'ଆଦି ଶଙ୍କରାଚାର୍ଯ୍ୟ' ଏହାକୁ 'ଆତ୍ମ ଓ ବ୍ରହ୍ମବିଦ୍ୟା' କହିଛନ୍ତି, 'ମାକ୍ସ ମୁଲ୍ଲେର୍' ଓ 'ପାଉଲ୍ ଦେଉସାନ୍' ଏହାକୁ 'ଗୁପ୍ତ ଶିକ୍ଷା', ଓ 'ପାଟ୍ରିକ୍ ଓଲିଭେଲ୍ଲେ' 'ଲୁକ୍କାୟିତ ଅର୍ଥ', ବୋଲି କହିଛନ୍ତି ।

ଏହା କୁହାଯାଏ ଯେ, ଯେଉଁ ଶିଷ୍ୟ ମାନଙ୍କର ଚରିତ୍ର, ଶିକ୍ଷା ଓ ଗୁରୁଭକ୍ତି ଠିକ ରହୁଥିଲା, ସେଇମାନଙ୍କୁ କେବଳ ଉପନିଷଦ ଶିକ୍ଷା ଗ୍ରହଣ କରିବାର ସୁଯୋଗ ମିଳୁଥିଲା । ସେଇଥିପାଇଁ ଉପନିଷଦ ମାନଙ୍କୁ "**ଗୁପ୍ତ ବିଦ୍ୟା**" କୁହାଯାଏ ।

ଇତିହାସକାର ଓ ଗବେଷକ ମାନଙ୍କ ଅନୁସାରେ ବେଦରେ ସମୁଦାୟ **୧୦୮**ଟି ଉପନିଷଦ ଅଛି । ଏହିସବୁ ଉପନିଷଦ ଗୁଡିକୁ ପ୍ରତ୍ୟେକ ବେଦ ଅଧୀନରେ ସେମାନଙ୍କର ପ୍ରାଧାନ୍ୟ ଓ ବିଷୟବସ୍ତୁ ଅନୁସାରେ ବିଭକ୍ତ କରାଯାଇଛି । ବିଭକ୍ତିକରଣର ପଦ୍ଧତି ଗୁଡିକ ହେଲେ - **ମୁଖ୍ୟ, ସାମାନ୍ୟ, ସନ୍ନ୍ୟାସ, ଶାକ୍ତ, ବୈଷ୍ଣବ, ଶୈବ**, ଓ **ଯୋଗ** । ଅର୍ଥାତ ପ୍ରତ୍ୟେକ ବେଦର ମୁଖ୍ୟ, ସାମାନ୍ୟ, ସନ୍ନ୍ୟାସ, ଶାକ୍ତ, ବୈଷ୍ଣବ, ଶୈବ, ଓ ଯୋଗ ଉପନିଷଦ ଗୁଡିକ ଅଛି । (ତଳେ ଦିଆଯାଇଥିବା ଟେବୁଲରେ ଏହାର ସଂକ୍ଷିପ୍ତକରଣ ପାଇ ପାରିବେ)

ଏସବୁ ଉପନିଷଦ ଭିତରୁ **ଦଶୋପନିଷଦ,** ଅର୍ଥାତ ୧୦ଟି ଉପନିଷଦକୁ 'ମୁଖ୍ୟ ଉପନିଷଦ' ଭାବରେ ମାନନ୍ତି, ଏଥିରେ, ପରେ ଆଉ ୩ଟି ଉପନିଷଦ ଯୋଗ କରାଯାଇ ଏହାକୁ ୧୩ଟି କରିଦିଆଗଲା । ତେଣୁ **୧୩ଟି ମୁଖ୍ୟ ଉପନିଷଦ**, ସେଗୁଡିକ ହେଲେ - (ଦଶୋପନିଷଦ) - ଈଶ, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୁକ୍ୟ, ତୈତ୍ତିରୀୟ, ଐତରେୟ, ଛାନ୍ଦୋଗ୍ୟ ଓ ବୃହଦାରଣ୍ୟକ, (ଅତିରିକ୍ତ) - କୌଷୀତକି, ଶ୍ୱେତାଶ୍ୱତର ଓ ମୈତ୍ରାୟଣୀୟ ।

# ବେଦ - ଉପନିଷଦ ସଂଗଠନ

| ବେଦ | ସଂଖ୍ୟା | ମୁଖ୍ୟ | ସାମାନ୍ୟ | ସନ୍ନ୍ୟାସ | ଶାକ୍ତ | ବୈଷ୍ଣବ | ଶୈବ | ଯୋଗ |
|---|---|---|---|---|---|---|---|---|
| ଋଗ୍ବେଦ | ୧୦ | ଐତରେୟ, କୌଷୀତକି | ଆତ୍ମବୋଧ, ମୁଦ୍ଗଲ | ନିର୍ବାଣ | ତ୍ରିପୁରା, ସୌଭାଗ୍ୟଲକ୍ଷ୍ମୀ, ବହ୍ବୃଚ, | - | ଅକ୍ଷମାଳିକା | ନାଦବିନ୍ଦୁ |
| ସାମବେଦ | ୧୬ | ଛାନ୍ଦୋଗ୍ୟ, କେନ | ବଜ୍ରସୂଚୀ, ମହା, ସାବିତ୍ରୀ, | ଆରୁଣେୟ, ମୈତ୍ରେୟ, ସଂନ୍ୟାସ, କୁଣ୍ଡିକା | - | ବାସୁଦେବ, ଅବ୍ୟକ୍ତ | ରୁଦ୍ରାକ୍ଷଜାବାଲ, ଜବାଲି | ଯୋଗଚୂଡାମଣି, ଦର୍ଶନ |
| କୃଷ୍ଣ ଯଜୁର୍ବେଦ | ୩୨ | କଠ, ତୈତ୍ତିରୀୟ, ଶ୍ବେତାଶ୍ବତର, ମୈତ୍ରାୟଣୀୟ, | ସର୍ବସାର, ଶୁକରହସ୍ୟ, ସ୍କନ୍ଦ, ଗର୍ଭ, ଶାରୀରକ, ଏକାକ୍ଷର, ଅକ୍ଷି | ବ୍ରହ୍ମ, ଅବଧୂତ, କଠଶ୍ରୁତି | ସରସ୍ବତୀ ରହସ୍ୟ | ନାରାୟଣ, କଳି ସନ୍ତରଣ | କୈବଲ୍ୟ, କାଳାଗ୍ନି ରୁଦ୍ର, ଦକ୍ଷିଣାମୂର୍ତି, ରୁଦ୍ରହୃଦୟ, ପଞ୍ଚବ୍ରହ୍ମ | ଅମୃତବିନ୍ଦୁ, ତେଜୋବିନ୍ଦୁ, ଅମୃତନାଦ, କ୍ଷୁରିକା, ଧ୍ୟାନବିନ୍ଦୁ, ବ୍ରହ୍ମବିଦ୍ୟା, ଯୋଗତତ୍ତ୍ୱ, ଯୋଗଶିଖା, ଯୋଗକୁଣ୍ଡଳିନୀ, ବରାହ |
| ଶୁକ୍ଳ ଯଜୁର୍ବେଦ | ୧୮ | ଈଶ, ବୃହଦାରଣ୍ୟକ | ସୁବାଲ, ମନ୍ତ୍ରିକ, ନିରାଲମ୍ବ, ପୈଙ୍ଗଲ, ଅଧ୍ୟାତ୍ମ, ମୁକ୍ତିକା | ଜାବାଲ, ଭିକ୍ଷୁକ, ତୁରୀୟାତୀତ ଅବଧୂତ, ୟାଜ୍ଞବଲ୍କ୍ୟ, ଶାଟ୍-ୟାୟନୀୟ, | - | ତାରସାର | - | ଅଦ୍-ବୟ ତାରକ, ହଂସ, ତ୍ରିଶିଖ-ବ୍ରାହ୍ମଣ, ମଣ୍ଡଳ-ବ୍ରାହ୍ମଣ |

| ବେଦ | ସଂଖ୍ୟା | ମୁଖ୍ୟ | ସାମାନ୍ୟ | ସନ୍ୟାସ | ଶାକ୍ତ | ବୈଷ୍ଣବ | ଶୈବ | ଯୋଗ |
|---|---|---|---|---|---|---|---|---|
| ଅଥର୍ବ ବେଦ | ୩୨ | ମୁଣ୍ଡକ, ମାଣ୍ଡୁକ୍ୟ, ପ୍ରଶ୍ନ, | ଆତ୍ମା, ସୂର୍ଯ୍ୟ, ପ୍ରାଣାଗ୍ନିହୋତ୍ର | ଆଶ୍ରମ, ନାରଦପରିବ୍ରାଜକ, ପରମହଂସ, ପରମହଂସ ପରିବ୍ରଜକ, ପରଂବ୍ରହ୍ମ, | ସୀତା, ଦେବୀ, ତ୍ରିପୁରାତାପିନୀ, ଭାବନ | ନୃସିଂହ ତାପନୀୟ, ମହାନାରାୟଣ, ରାମ ରହସ୍ୟ, ରାମ ତାପନୀୟ, ଗୋପାଳ-ତାପନୀ, କୃଷ୍ଣ, ହୟଗ୍ରୀବ, ଦତ୍ତାତ୍ରେୟ, ଗରୁଡ଼ | ଅଥର୍ବସିରସ୍, ଅଥର୍ବଶିଖା, ବୃହଜ୍ଜାବାଲ, ଶରଭ, ଭସ୍ମଜାବାଲ, ଗଣପତ୍ୟର୍ଥବ ଶୀର୍ଷ | ଶାଣ୍ଡିଲ୍ୟ, ପଶୁପତିବ୍ରହ୍ମ, ମହାବାକ୍ୟ |
| ସର୍ବମୋଟ | ୧୦୮ | ୧୩ | ୨୧ | ୧୯ | ୮ | ୧୪ | ୧୩ | ୨୦ |

**ପ୍ରୀୟ ପାଠକ,**

ବିଭିନ୍ନ ସୂତ୍ରରୁ ଉପଲବ୍ଧ ଉପନିଷଦ ମାନଙ୍କ ମଧ୍ୟରେ ସାମାନ୍ୟ ଅନ୍ତର ପରିଲକ୍ଷିତ ହୋଇଥାଏ, ଏହା ଭୁଲ୍ କିମ୍ବା ତୃଟିଯୁକ୍ତ ନୁହେଁ, ଏହା କେବଳ ଭିନ୍ନ ଭିନ୍ନ ସଂସ୍କରଣ ଅଟେ । ଏହି ଉପନିଷଦ ସଂସ୍କରଣରେ ୧୯୪୮ ମସିହାରେ ପ୍ରକାଶିତ "ଇଶାଦି ବିଂଶୋତ୍ତରଶତୋପନିଷଦଃ" ପୁସ୍ତକ ବ୍ୟବହାର କରାଯାଇଛି ।

ଆମ ଜ୍ଞାନ ଅବଧିରେ, ଧ୍ୟାନ ପୂର୍ବକ ସମସ୍ତ ସାବଧାନ, ଓ ଯତ୍ନର ସହିତ ଓଡିଆରେ ରୂପାନ୍ତର କରାଯାଇଛି । ଏଥିରେ ଭୁଲ୍ ବା ତୃଟି ରହିଥାଇପାରେ, ଯଦି କିଛି ତୃଟି ରହିଯାଇଥାଏ, ତାହା ସଂପାଦକଙ୍କ ଦୃଷ୍ଟି ଗୋଚରକୁ ଆଣିବାକୁ ଅନୁରୋଧ ।

ଆଶାକରୁଛି, ଏହା ସମସ୍ତ ଓଡିଆ ଭାଷା ଭାଷୀ ଜ୍ଞାନଲିପ୍ସୁ ଜନମାନଙ୍କ କାମରେ ଆସିବ ଓ ଏହାକୁ ଅନ୍ୟମାନଙ୍କ, ତଥା ଭବିଷ୍ୟତ ପିଢି ପର୍ଯ୍ୟନ୍ତ ପହଞ୍ଚାଇ ଭାରତର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବେ ।

**ତାରିଖ - ୧୦.୦୯.୨୦୨୧**

**ଗଣେଶ ଚତୁର୍ଥୀ**

**ଶ୍ରୀ ପ୍ରକାଶ ପ୍ରଧାନ**

**ସଂପାଦକ**

ସଂସାରଫଳ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, ଓଡିଶା

# ସାମାନ୍ୟ ଉପନିଷଦ

(Minor Upanishad)

ଓଁ ଶ୍ରୀ ଗଣେଶାୟ ନମଃ

# ଏକାକ୍ଷର ଉପନିଷଦ

(Ekaaksharopanisat / Ekaakshara Upanishad)


**ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ**

Editor – Prakash Pradhan


**ଭାଷା - ସଂସ୍କୃତ-ଓଡିଆ**

Language – Sanskrit - Odia


**ଶୁଦ୍ଧିକରଣ (**Proofreading by)

ଶ୍ରୀ ଶେଷଦେବ ଦାଶ




## ଶ୍ରୀ ପ୍ରକାଶ ପ୍ରଧାନ

ସଂପାଦକ

prakash@scholarshoppe.com


## ଶୁଦ୍ଧିକରଣ




## ଶ୍ରୀ ଶେଷଦେବ ଦାଶ

ପୋଡାମାରି ଗଡ, ସାନଖେମୁଣ୍ଡି,

ଗଞ୍ଜାମ, ଓଡିଶା

sesanirbhaya@gmail.com

# ଏକାକ୍ଷରୋପନିଷତ୍ / ଏକାକ୍ଷର ଉପନିଷଦ

## ।। ଅଥ ଏକାକ୍ଷରୋପନିଷତ୍ ।।

ଏକାକ୍ଷରପଦାରୂଢଂ ସର୍ବାତ୍ମକମଖଣ୍ଡିତମ୍ ।
ସର୍ବବର୍ଜିତଚିନ୍ମାତ୍ରଂ ତ୍ରିପାନ୍ନାରାୟଣଂ ଭଜେ ।।

ଓଁ ସହ ନାବବତୁ । ସହ ନୌ ଭୁନକ୍ତୁ । ସହ ବୀର୍ୟଂ କରବାବହୈ ।
ତେଜସ୍ୱିନାବଧୀତମସ୍ତୁ ମା ବିଦ୍ୱିଷାବହୈ ।।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।

ହରିଃ ଓଁ ।।
ଏକାକ୍ଷରଂ ତ୍ୱକ୍ଷରେଽତ୍ରାସ୍ତି ସୋମେ ସୁଷୁମ୍ନାୟାଂ ଚେହ ଦୃଢୀ ସ ଏକଃ ।
ତ୍ୱଂ ବିଶ୍ୱଭୂର୍ଭୂତପତିଃ ପୁରାଣଃ ପର୍ଜନ୍ୟ ଏକୋ ଭୁବନସ୍ୟ ଗୋପ୍ତା ।। ୧।।

ବିଶ୍ୱେ ନିମଗ୍ନପଦବୀଃ କବୀନାଂ ତ୍ୱଂ ଜାତବେଦୋ ଭୁବନସ୍ୟ ନାଥଃ ।
ଅଜାତମଗ୍ରେ ସ ହିରଣ୍ୟରେତା ଯଜ୍ଞସ୍ତ୍ୱମେବୈକବିଭୁଃ ପୁରାଣଃ ।। ୨।।

ପ୍ରାଣଃ ପ୍ରସୂତିର୍ଭୁବନସ୍ୟ ଯୋନିର୍ବ୍ୟାପ୍ତଂ ତ୍ୱୟା ଏକପଦେନ ବିଶ୍ୱମ୍ ।
ତ୍ୱଂ ବିଶ୍ୱଭୂର୍ଯୋନିପରାଃ ସ୍ୱଗର୍ଭେ କୁମାର ଏକୋ ବିଶିଖଃ ସୁଧନ୍ୱା ।। ୩।।

ବିତତ୍ୟ ବାଣଂ ତରୁଣାର୍କବର୍ଣ୍ଣଂ ବ୍ୟୋମାନ୍ତରେ ଭାସି ହିରଣ୍ୟଗର୍ଭଃ ।
ଭାସା ତ୍ୱୟା ବ୍ୟୋମ୍ନି କୃତଃ ସୁତାର୍କ୍ଷ୍ୟସ୍ତ୍ୱଂ ବୈ କୁମାରସ୍ତ୍ୱମରିଷ୍ଟନେମିଃ ।। ୪।।

ତ୍ୱଂ ବଜ୍ରଭୃଦ୍-ଭୂତପତିସ୍ତ୍ୱମେବ କାମଃ ପ୍ରଜାନାଂ ନିହିତୋଽସି ସୋମେ ।
ସ୍ୱାହା ସ୍ୱଧା ଯଚ୍ଚ ବଷଟ୍ କରୋତି ରୁଦ୍ରଃ ପଶୂନାଂ ଗୁହୟା ନିମଗ୍ନଃ ।। ୫।।



Not For Commercial Use

ଧାତା ବିଧାତା ପବନଃ ସୁପର୍ଣ୍ଣୋ ବିଷ୍ଣୁର୍ବରାହୋ ରଜନୀ ରହଶ୍ଚ ।
ଭୂତଂ ଭବିଷ୍ୟତ୍-ପ୍ରଭବଃ କ୍ରିୟାଶ୍ଚ କାଲଃ କ୍ରମସ୍ତ୍ୱଂ ପରମାକ୍ଷରଂ ଚ ।। ୬।।

ଋଚୋ ୟଜୂଂଶି ପ୍ରସବନ୍ତି ବକ୍ତ୍ରାତ୍ସାମାନି ସମ୍ରାଡ୍ୱସୁରନ୍ତରିକ୍ଷମ୍ ।
ତ୍ୱଂ ୟଜ୍ଞନେତା ହୁତଭୁଗ୍ୱିଭୁଶ୍ଚ ରୁଦ୍ରାସ୍ତଥା ଦୈତ୍ୟଗଣା ବସୁଶ୍ଚ ।। ୭।।

ସ ଏଷ ଦେବୋଽମ୍ବରଗଶ୍ଚ ଚକ୍ରେ ଅନ୍ୟେଽଭ୍ୟଧିଷ୍ଠେତ ତମୋ ନିରୁନ୍ଧ୍ୟଃ ।
ହିରଣ୍ମୟଂ ୟସ୍ୟ ବିଭାତି ସର୍ବଂ ବ୍ୟୋମାନ୍ତରେ ରଶ୍ମିମିବାଂଶୁନାଭିଃ ।। ୮।।

ସ ସର୍ବବେତ୍ତା ଭୁବନସ୍ୟ ଗୋପ୍ତା ତାଭିଃ ପ୍ରଜାନାଂ ନିହିତା ଜନାନାମ୍ ।
ପ୍ରୋତା ତ୍ୱମୋତା ବିଚିତିଃ କ୍ରମାଣାଂ ପ୍ରଜାପତିଶ୍ଛନ୍ଦମୟୋ ବିଗର୍ଭଃ ।। ୯।।

ସାମୈଶ୍ଚିଦନ୍ତୋ ବିରଜଶ୍ଚ ବାହୂ ହିରଣ୍ମୟଂ ବେଦବିଦାଂ ବରିଷ୍ଠମ୍ ।
ୟମଧ୍ୱରେ ବ୍ରହ୍ମବିଦଃ ସ୍ତୁବନ୍ତି ସାମୈର୍ୟଜୁର୍ଭିଃ କ୍ରତୁଭିସ୍ତ୍ୱମେବ ।। ୧୦।।

ତ୍ୱଂ ସ୍ତ୍ରୀ ପୁମାଂସ୍ତ୍ୱଂ ଚ କୁମାର ଏକସ୍ତ୍ୱଂ ବୈ କୁମାରୀ ହ୍ୟଥ ଭୂସ୍ତ୍ୱମେବ ।
ତ୍ୱମେବ ଧାତା ବରୁଣଶ୍ଚ ରାଜା ତ୍ୱଂ ବତ୍ସରୋଽଗ୍ନ୍ୟର୍ୟମ ଏବ ସର୍ବମ୍ ।। ୧୧।।

ମିତ୍ରଃ ସୁପର୍ଣ୍ଣଶ୍ଚନ୍ଦ୍ର ଇନ୍ଦ୍ରୋ ବରୁଣୋ ରୁଦ୍ରସ୍ତ୍ୱଷ୍ଟା ବିଷ୍ଣୁଃ ସବିତା ଗୋପତିସ୍ତ୍ୱମ୍ ।
ତ୍ୱଂ ବିଷ୍ଣୁର୍ଭୂତାନି ତୁ ତ୍ରାସି ଦୈତ୍ୟାଂସ୍ତ୍ୱୟାଽଽବୃତଂ ଜଗଦୁଦ୍-ଭବଗର୍ଭଃ ।। ୧୨।।

ତ୍ୱଂ ଭୂର୍ଭୁବଃ ସ୍ୱସ୍ତ୍ୱଂ ହି ସ୍ୱୟଂଭୂରଥ ବିଶ୍ୱତୋମୁଖଃ ।
ୟ ଏବଂ ନିତ୍ୟଂ ବେଦୟତେ ଗୁହାଶୟଂ ପ୍ରଭୁଂ ପୁରାଣଂ ସର୍ବଭୂତଂ ହିରଣ୍ମୟମ୍ ।। ୧୩।।

ହିରଣ୍ମୟଂ ବୁଦ୍ଧିମତାଂ ପରାଂ ଗତିଂ ସ ବୁଦ୍ଧିମାନ୍-ବୁଦ୍ଧିମତୀତ୍ୟ ତିଷ୍ଠତୀତ୍ୟୁପନିଷତ୍ ।।

Not For Commercial Use

ହରିଃ ଓଁ ତତ୍ସତ୍ ।।

ଓଁ ସହ ନାବବତୁ । ସହ ନୌ ଭୁନକ୍ତୁ । ସହ ବୀର୍ୟ୍ୟଂ କରବାବହୈ ।
ତେଜସ୍ୱିନାବଧୀତମସ୍ତୁ ମା ବିଦ୍ୱିଷାବହୈ ।।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।

## ।। ଇତି ଏକାକ୍ଷରୋପନିଷତ୍ସମାପ୍ତା ।।

Not For Commercial Use